# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08 May - 2024**

**News Editor : *Tapan Kumar Maharana***

********************************

## ମୁଖ୍ୟ ସମ୍ବାଦ

- ବିଗତ ୧୦ ବର୍ଷ ମଧ୍ୟରେ ଏନ୍‌ଡିଏ ସରକାର ଦେଶରୁ ଗରିବୀ ଦୂର କରିଛି; କହିଲେ, ବିଜେପିର ବରିଷ୍ଠ ନେତା  ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ

- ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆସନ୍ତାକାଲି ଓଡ଼ିଶାରେ କରିବେ ନିର୍ବାଚନୀ ପ୍ରଚାର

- ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଏବଂ

- ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସମ୍ଭାବନା ନେଇ ପାଣିପାଗ କେନ୍ଦ୍ରର ସୂଚନା

## ରାଜନାଥ ସିଂଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଭବାନୀପାଟଣାଠାରେ ବିଜେପି ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଭବାନୀପାଟଣାସ୍ଥିତ ଲାଲବାହାଦୁର ଷ୍ଟାଡିୟମ୍‌ଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ସିଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗତ ୧୦ ବର୍ଷରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶରୁ ଗରିବୀ ହଟାଇଛି ବୋଲି ସେ କହିଛନ୍ତି। ଆଗାମୀ ୫ ବର୍ଷରେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ ଏବଂ ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ଆୟୁଷ୍ମାନ ଭାରତ କାର୍ଡ ସମସ୍ତଙ୍କୁ ଉପଲବ୍ଧ ହେବ ବୋଲି ଶ୍ରୀ ସିଂ କହିଛନ୍ତି।

**- V/O -**

## ନିର୍ବାଚନ ପ୍ରଚାର-ରାଜନାଥ ସିଂ

କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଆଜି ରାୟଗଡ଼ାଠାରେ ବିଜେପି ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ସେ ଜନସଭାକୁ ସମ୍ବୋଧିତ କରି କହିଛନ୍ତି, ଏଥର ଓଡ଼ିଶାରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ୧୦ ବର୍ଷ ମଧ୍ୟରେ ବିଜେପି ନେତୃତ୍ୱାଧିନ ସରକାର ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି। ଆଗାମୀ ୧୦ ରୁ ୧୫ ବର୍ଷ ବିଜେପି ପୁଣି ସରକାର ଗଠନ କଲେ ଦେଶରେ ଦାରିଦ୍ର୍ୟ ଦୂର ହେବ ବୋଲି ସେ କହିଛନ୍ତି। ଆୟୁଷ୍ମାନ ଯୋଜନାରେ ବିଜେପି ସରକାର ଆଗାମୀ ଦିନରେ ୭୦ ବର୍ଷ ବୟସର

ଲୋକଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ଶ୍ରୀ ସିଂ କହିଛନ୍ତି। ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ଭାରତ ବିଶ୍ୱର ପଞ୍ଚମ ଅର୍ଥନୀତି ବ୍ୟବସ୍ଥା ପାଲଟିଛି। ଆଗାମୀ ଦିନରେ ବିଶ୍ୱର ତୃତୀୟ ଅର୍ଥନୀତି ପାଲଟିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ୫ ବର୍ଷରେ ୩ କୋଟି ମହିଳାଙ୍କୁ ଲକ୍ଷପତି କରିବାର ଲକ୍ଷ୍ୟ ରହିଛି ବୋଲି ଶ୍ରୀ ସିଂ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୦ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ରୋଡ଼ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ। ଶ୍ରୀ ମୋଦୀଙ୍କ ରୋଡ୍‌ଶୋ' ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ୫୦ ପ୍ଲାଟୁନ୍ ପୋଲିସ୍ ଫୋର୍ସର ବ୍ୟବସ୍ଥା କରାଯାଇଥିବା ବେଳେ ଏଥିରେ ୩୫୦ ଜଣ ପୋଲିସ୍ ଅଧିକାରୀ ମୁତୟନ ହେବେ । ଆସନ୍ତା ୧୦ ଓ ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱର ରୋଡ୍ ଶୋ' ଏବଂ କନ୍ଧମାଳ, ବରଗଡ଼ ଓ ବଲାଙ୍ଗିର ସଭାସ୍ଥଳକୁ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି ।

## ନୀତିନ ଗଡକରୀ

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଅପରାହ୍ଣ ୩ଟାରେ କୃଷ୍ଣପ୍ରସାଦ ଏବଂ ୪ଟା ୧୫ ମିନିଟ୍‌ରେ ପିପିଲିଠାରେ ଅନୁଷ୍ଠିତ ଜନସଭାକୁ

ସମ୍ବୋଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆସନ୍ତାକାଲି ପୂର୍ବାହ୍ଣ ୧୦ଟା ୩୦ରେ ମାଲକାନଗିରି ଜିଲ୍ଲା କାଲିମେଳାଠାରେ, ଏବଂ ମଧ୍ୟାହ୍ନ ୧୨ଟା ୧୦ରେ ଚିତ୍ରକୋଣ୍ଡାଠାରେ ଏବଂ ଅପରାହ୍ଣ ୩ଟାରେ ଆସ୍କା ଲୋକସଭା ଅନ୍ତର୍ଗତ ଖଲିକୋଟଠାରେ ଅନୁଷ୍ଠିତ ଜନସଭାରେ ଯୋଗଦେବେ ବୋଲି ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

## ବିଷ୍ଣୁଦେବ ସାଏ-ନିର୍ବାଚନ ପ୍ରଚାର

ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି କୋରାପୁଟ ଜିଲ୍ଲାର କୁନ୍ଦ୍ରାଠାରେ ବିଜେପି ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିଛି ଏବଂ ଦେଶବାସୀ ପୁନର୍ବାର ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚାହାନ୍ତି ବୋଲି ସେ କହିଛନ୍ତି । ଓଡ଼ିଶାରେ ବିଜେପି ସରକାର ଗଠନ ହେଲେ ଭାରତବର୍ଷରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ରୂପେ ରୂପାନ୍ତରିତ ହୋଇପାରିବ ବୋଲି ସେ କହିଛନ୍ତି । ଛତିଶଗଡ଼ର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦିନେଶ କଶ୍ୟପ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ବିଷ୍ଣୁଦେବ ସହାୟ

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁଦେବ ସହାୟ ଆଜି ନବରଙ୍ଗପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି । ଦେଶର ବିକାଶ ଭାଗିଦାରୀରେ ସାମିଲ ହେବାପାଇଁ ବିଜେପି ସରକାର ଗଠନର ଆବଶ୍ୟକତା

ରହିଛି ବୋଲି ସେ କହିଛନ୍ତି। ଶ୍ରୀ ସାଏ ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହାତଭରଣ୍ଡୀଠାରେ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

## ବିଧାନସଭା ନିର୍ବାଚନ-ଭୁବନେଶ୍ୱର

ନିର୍ବାଚନ କମିଶନଙ୍କ ପକ୍ଷରୁ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ୩ଟି ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା **ଦୀପକ କୁମାର ବେହେରାଙ୍କ** ରିପୋର୍ଟ....

## - V/O -

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଚାଲିଛି। ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ବନକଲାଗି ନୀତି କରୁଛନ୍ତି। ଏଥିପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦର୍ଶନ ରାତି ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିବ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ପୁଣି ଦର୍ଶନ ସ୍ୱାଭାବିକ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରଥକାଠ

ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କ ରଥ ନିର୍ମାଣ ପାଇଁ ସମ୍ବଲପୁର ଜିଲ୍ଲା ନାକଟିଦେଉଳରୁ ଆଜି ରଥକାଠ ପୁରୀକୁ ଯାଇଛି। ପ୍ରଥମ ପର୍ଯ୍ୟାୟରେ ରେଢାଖୋଲ ବନଖଣ୍ଡ ନାକଟିଦେଉଳ ବ୍ଲକ୍ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଖୋଲଗଡ ସଂରକ୍ଷିତ ଜଙ୍ଗଲରୁ ୮୧ ଖଣ୍ଡ ଧଉରା କାଠ, ୪ ଖଣ୍ଡ ଅସନ କାଠ ପଠାଯାଇଛି । ତେବେ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳରୁ ସମୁଦାୟ ୧୪୬ ଖଣ୍ଡ କାଠ ପୁରୀ ପଠାଯିବାର ସୂଚନା ରହିଛି । ଆଜି ସଡୋ ଗ୍ରାମଠାରେ ରଥ କାଠକୁ ରୀତିନୀତିରେ ପୂଜା କରାଯିବା ପରେ ପୁରୀକୁ ପଠାଯାଇଥିଲା।

## ମିଡିଆ ସେଣ୍ଟର

ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମିଡ଼ିଆ ସେଂଟର ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ମିଡ଼ିଆ ସେଂଟରକୁ ଉଦ୍‌ଘାଟନ କରିଥିଲେ । ଭବିଷ୍ୟତରେ ଏହି ସେଣ୍ଟର ନିର୍ବାଚନ ପରିଚାଳନା ପାଇଁ ଏକ ସମ୍ପଦ ରୂପେ ବ୍ୟବହାର କରାଯିବା ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି।

## ଆଦର୍ଶ ଆଚରଣ ବିଧି

ଦେଶରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ରହିଥିବା ବେଳେ ସମ୍ବଲପୁର ସେକ୍ସନ ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥରେ କାର୍ଯ୍ୟ ଲାଗି ନିର୍ବାଚନ ଆୟୋଗ ଅନୁମତି ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲାର

ଅଇଁଠାପାଲିରେ ସାଢ଼େ ୩ କିଲୋମିଟର ଦୀର୍ଘ ୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର ଏବଂ ସମ୍ବଲପୁର ଜିଲ୍ଲାର ୫୩ ନମ୍ବର ଜାତୀୟ ରାଜପଥରେ ୨ଲେନ୍ ବିଶିଷ୍ଟ ରୋଡ୍ ଓଭରବ୍ରିଜ୍ କାମପାଇଁ ଅନୁମତି ମିଳିଛି। ଫଳରେ ଖୁବ୍‌ଶୀଘ୍ର ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ରେଡ୍‌କ୍ରସ-ଥାଲାସେମିଆ ଦିବସ

ଆଜି ବିଶ୍ୱ ରେଡ୍‌କ୍ରସ ଦିବସ। ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାଣ୍ଟଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମଇ ମାସ ୮ ତାରିଖ ଆଜିର ଦିନରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଆସୁଛି। ଅନ୍ତର୍ଜାତୀୟ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ ସଂପର୍କରେ ଲୋକଙ୍କ ଧାରଣାକୁ ବ୍ୟାପକ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ।

**ପୁରୀ** ଜିଲ୍ଲା ରେଡ୍‌କ୍ରସ୍ ଶାଖା ପକ୍ଷରୁ ଆଜି ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଚନ୍ଦ୍ର ବେହେରା ଯୋଗଦେଇ ମାନବ ସେବାକୁ ଗୁରୁତ୍ୱ ଦେଇ ରେଡ୍‌କ୍ରସ୍ ସଂସ୍ଥା କାର୍ଯ୍ୟ କରୁଛି ବୋଲି କହିଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରେଡକ୍ରସ୍ ପତାକା ଉତ୍ତୋଳନ କରାଯାଇଥିଲା।

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଏହି ଅବସରରେ ଏକ ଆଲୋଚନା ସଭା ଆୟୋଜିତ ହୋଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମ୍ୟାରିଅନ୍ସ ମିଞ୍ଜ୍ ସହକାରୀ ଜିଲ୍ଲାପାଳ ସୁଧମା ମାଲିକ ପ୍ରମୁଖ ଯୋଗଦେଇ

ସେବାକୁ ଆଧାର କରି ଛାତ୍ର ଜୀବନରୁ ହିଁ ଦେଶସେବା କରିବାକୁ ଆଗେଇ ଆସିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

**ସମ୍ବଲପୁର**ସ୍ଥିତ ବୁଢ଼ାରାଜା ଉଚ୍ଚବିଦ୍ୟାଳୟଠାରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଡକ୍ରସ୍ ଦିବସର ମହାନତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସେହିପରି ଆଜି ମଧ୍ୟ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି । ଦେଶରେ ମୋଟ୍ ଜନସଂଖ୍ୟାର ପ୍ରାୟ ୧ ଦଶମିକ ୫ ପ୍ରତିଶତ ଲୋକ ଥାଲାସେମିଆରେ ଆକ୍ରାନ୍ତ ହୋଇଥିବାବେଳେ ରାଜ୍ୟରେ ୧୨ ହଜାରରୁ ଅଧିକ ଥାଲାସେମିଆ ରୋଗୀ ରହିଥିବା ଜଣାପଡ଼ିଛି । ଥାଲାସେମିଆ ଏକ ରକ୍ତ ବିକାର ସମସ୍ୟା । ଏହି ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ପାଣିପାଗ

ରାଜ୍ୟରେ ଅନେକ ସ୍ଥାନରେ କାଳବୈଶାଖୀ ଯୋଗୁଁ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ ଏବଂ ଦିନ ତାପମାତ୍ରାରେ ବିଶେଷ ବୃଦ୍ଧି ଘଟିବ ନାହିଁ ବୋଲି ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ,କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ ଏବଂ ଗଞ୍ଜାମର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡ଼ି ସହ ୩୦ ରୁ ୪୦ କିଲୋମିଟର ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*********************************